**ଶ୍ରୀମତୀ ଇନ୍ଦ୍ରାଣୀ ବାଇ**

**ବନାମ**

**ଭାରତ ସଂଘ ଏବଂ ଅନ୍ୟମାନେ**

**ଏପ୍ରିଲ 21, 1994**

**[କେ. ରାମାସ୍ୱାମୀ ଏବଂ ଏନ୍. ଭେଙ୍କଟଚଲା, ନ୍ୟାୟମୂର୍ତ୍ତିଦ୍ୱୟ]**

*ସେବା ଆଇନ: ବେସାମରିକ ସେବା - ଶୃଙ୍ଖଳାଗତ ତଦନ୍ତ - ପ୍ରାକୃତିକ ନ୍ୟାୟର ନିୟମ - ଯେଉଁଠାରେ କର୍ମଚାରୀ ତଦନ୍ତର ନିରପେକ୍ଷତା ଉପରେ ସନ୍ଦେହ କରିଥିଲେ ଏବଂ ତଦନ୍ତ ଅଧିକାରୀଙ୍କ ପରିବର୍ତ୍ତନ ପାଇଁ ଯଥାଶୀଘ୍ର ପ୍ରତିବେଦନ କରିଥିଲେ, ଏହା ନିର୍ଣ୍ଣୟ ନିଆଯାଇଥିଲା ଯେ, ଅନୁରୋଧକୁ ଗ୍ରହଣ କରାଯିବା ଉଚିତ ଥିଲା - ଏକ ତରଫା କାର୍ଯ୍ୟାନୁଷ୍ଠାନକୁ ପୁନର୍ବାର ଖୋଲିବାରେ, ଏବଂ କର୍ମଚାରୀଙ୍କୁ ପୂର୍ବରୁ ଜେରା କରାଯାଇଥିବା ନିଯୁକ୍ତିଦାତାଙ୍କ ସାକ୍ଷୀମାନଙ୍କୁ ପୁନଃ ଜେରା କରିବାକୁ ଅନୁମତି ଦେବାରେ ଏବଂ ଏହାର ଖଣ୍ଡନରେ ସାକ୍ଷ୍ୟ ପ୍ରମାଣ ଉପସ୍ଥାପନ କରିବାକୁ ସୁଯୋଗ ଦେବାରେ ବିଫଳତା - ପ୍ରାକୃତିକ ନ୍ୟାୟ ଏବଂ ନିରପେକ୍ଷ ବିଚାର ନୀତିଗୁଡ଼ିକର ଉଲ୍ଲଙ୍ଘନ - ଭାରତର ସମ୍ବିଧାନ - ଅନୁଚ୍ଛେଦ 14, 21 ଏବଂ 311 (2) - ପ୍ରଶାସନିକ ଆଇନ ।*

ଚୋରି ଉଦ୍ୟମ ଅଭିଯୋଗରେ ଜଣେ କର୍ମଚାରୀଙ୍କ (ସେବେଠୁ ମୃତ) ବିରୁଦ୍ଧରେ ଏକ ଶୃଙ୍ଖଳାଗତ ତଦନ୍ତ ଆରମ୍ଭ କରାଯାଇଥିଲା । କର୍ମଚାରୀ ଜଣକ ତଦନ୍ତ ଅଧିକାରୀଙ୍କ ବିରୁଦ୍ଧରେ ପକ୍ଷପାତିତାର ଅଭିଯୋଗ କରିଥିଲେ ଏବଂ ସେହି ତଦନ୍ତ ଅଧିକାରୀଙ୍କ ପରିବର୍ତ୍ତନ ପାଇଁ ଉଚ୍ଚ କର୍ତ୍ତୃପକ୍ଷମାନଙ୍କ ନିକଟରେ ପ୍ରତିବେଦନ କରିଥିଲେ । ଏହି ଅନୁରୋଧକୁ ଗ୍ରହଣ କରାଯାଇ ନଥିଲା, ଏବଂ ତାଙ୍କୁ ତଦନ୍ତରେ ଅଂଶଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । *ଏକ ତରଫା* ଭାବେ ତଦନ୍ତ ଚାଲିଲା । ଏହା ପରେ କର୍ମଚାରୀ ଜଣକ ତଦନ୍ତ ଅଧିକାରୀଙ୍କ ସମ୍ମୁଖରେ ହାଜର ହୋଇଥିଲେ ଏବଂ ନିଯୁକ୍ତିଦାତାଙ୍କ ଦ୍ୱାରା ପୂର୍ବରୁ ଜେରା କରାଯାଇଥିବା ସାକ୍ଷୀମାନଙ୍କୁ ପୁନଃ ଜେରା କରିବାକୁ ଡକାଇବା ନିମନ୍ତେ, ଏବଂ ଏହାର ଖଣ୍ଡନରେ ନିଜକୁ ଏବଂ ନିଜ ସାକ୍ଷୀମାନଙ୍କୁ ଜେରା କରିବାକୁ ଏକ ସୁଯୋଗ ଲୋଡ଼ିଥିଲେ । ତେବେ ତାଙ୍କୁ ଏପରି ଏକ ସୁଯୋଗ ଦେବା ପରିବର୍ତ୍ତେ, ତଦନ୍ତ ଅଧିକାରୀ ତାଙ୍କୁ ଏକ ଲିଖିତ ବିବରଣୀ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କର୍ମଚାରୀ ଜଣକ ଏପରି କରିନଥିଲେ । ତେଣୁ ଚାକିରିରୁ ବରଖାସ୍ତ ଆଦେଶ ପାରିତ ହୋଇଥିଲା, ଯାହା ଅପିଲରେ ନିଶ୍ଚିତ ହୋଇଥିଲା ।

ଏହି ସମୟରେ କର୍ମଚାରୀ ଜଣଙ୍କ ମୃତ୍ୟୁ ଘଟିଥିଲା । ଅନୁକମ୍ପା ଭିତ୍ତିରେ ପେନସନ ଏବଂ ନିଯୁକ୍ତି ପାଇଁ ତାଙ୍କ ବିଧବାଙ୍କ ଅନୁରୋଧକୁ କର୍ତ୍ତୃପକ୍ଷମାନେ ଏହି ଆଧାରରେ ପ୍ରତ୍ୟାଖ୍ୟାନ କରିଥିଲେ ଯେ ତାଙ୍କୁ ଚାକିରିରୁ ବରଖାସ୍ତ କରାଯାଇଥିଲା । ଏହାପରେ ସେ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ, **1985** ଅନୁଯାୟୀ ଜବଲପୁରସ୍ଥିତ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ସମ୍ମୁଖରେ ଏକ ଆବେଦନ ଦାୟର କରିଥିଲେ, ଯାହାକୁ କାର୍ଯ୍ୟାନୁଷ୍ଠାନର ବହୁବିଧ କାରଣ ଆଧାରରେ ଖାରଜ କରାଯାଇଥିଲା । ଏହାପରେ ସେ ବିଶେଷ ଅନୁମତି ଦ୍ୱାରା ଏହି ନ୍ୟାୟାଳୟରେ ଅପିଲ କରିଲେ ।

ଏହି ଅପିଲକୁ ମଞ୍ଜୁରୀ ଦେଇ, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଥିଲେ ଯେ: **1.** ଯେତେବେଳେ ତଦନ୍ତ ଅଧିକାରୀଙ୍କ ନିରପେକ୍ଷତା ଉପରେ ସନ୍ଦେହ କରିଥିବା କର୍ମଚାରୀ, ତଦନ୍ତ ଅଧିକାରୀଙ୍କୁ ବଦଳାଇବା ପାଇଁ ଯଥାଶୀଘ୍ର ଏକ ପ୍ରତିବେଦନ କରିଥିଲେ, କର୍ତ୍ତୃପକ୍ଷମାନେ ଏହି ଅନୁରୋଧକୁ ଗ୍ରହଣ କରିବା ଉଚିତ ଥିଲା ଏବଂ ଯାହାଙ୍କ ନିରପେକ୍ଷତା ଉପରେ ସନ୍ଦେହ କରାଯାଇଥିଲା ତାଙ୍କ ପରିବର୍ତ୍ତେ ଅନ୍ୟ ଜଣେ ତଦନ୍ତ ଅଧିକାରୀଙ୍କୁ ନିଯୁକ୍ତ କରିବା ଉଚିତ ଥିଲା । ଦୁର୍ଭାଗ୍ୟବଶତଃ, ଏହା କରାଯାଇ ନଥିଲା । **[611-E-F]**

**2.** ଉଚ୍ଚ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ନିର୍ଦ୍ଦେଶ ଜାରି କରାଯିବା ସତ୍ତ୍ୱେ, ତଦନ୍ତ ଅଧିକାରୀ ଅପରାଧୀ ବ୍ୟକ୍ତିଙ୍କୁ ଲିଖିତ ବିବରଣୀ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟ ଶବ୍ଦରେ, ସେ ସେହି ପର୍ଯ୍ୟାୟରୁ ଅଗ୍ରସର ହୋଇଥିଲେ ଯେଉଁ ପର୍ଯ୍ୟାୟରୁ ସେ ଶେଷ ଥର ପାଇଁ କାର୍ଯ୍ୟାନୁଷ୍ଠାନ ବନ୍ଦ କରିଥିଲେ । ତାହା ମହାନିର୍ଦ୍ଦେଶକଙ୍କ ଆଦେଶର ଅନ୍ତର୍ନିହିତ ଭାବନା ନଥିଲା । ତେଣୁ, ଏହା ପ୍ରାକୃତିକ ନ୍ୟାୟର ନୀତିଗୁଡ଼ିକର ଏକ ସ୍ପଷ୍ଟ ଉଲ୍ଲଙ୍ଘନ ଅଟେ । ତଦନ୍ତ ଅଧିକାରୀ *ଏକ ତରଫା* ଆଦେଶଟିକୁ ପ୍ରତ୍ୟାହାର କରିନେବେ ବୋଲି ଏବଂ ପୂର୍ବରୁ ଜେରା କରାଯାଇଥିବା ସାକ୍ଷୀମାନଙ୍କୁ ପୁନଃ ଜେରା କରିବାକୁ ଏବଂ ଏହାର ଖଣ୍ଡନରେ ତାଙ୍କ ସାକ୍ଷ୍ୟ ପ୍ରମାଣ ଉପସ୍ଥାପନ କରିବାକୁ ଅପରାଧୀ ବ୍ୟକ୍ତିଙ୍କୁ ସେ ଏକ ସୁଯୋଗ ଦେବେ ବୋଲି ସ୍ପଷ୍ଟ ଭାବେ ଆଶା କରାଯାଉଥିଲା । ତେବେ, ତଦନ୍ତ ଅଧିକାରୀ ଉକ୍ତ ପ୍ରକ୍ରିୟାକୁ ଗ୍ରହଣ କରିନଥିଲେ ଯାହା ନ୍ୟାୟସଙ୍ଗତ, ନ୍ୟାୟୋଚିତ ଏବଂ ଯୁକ୍ତିଯୁକ୍ତ ହୋଇଥାନ୍ତା । ଅପରାଧୀ ବ୍ୟକ୍ତିଙ୍କୁ ଏକ ନ୍ୟାୟୋଚିତ ସୁଯୋଗ ପ୍ରଦାନ କରାଯାଇ ନଥିଲା, ନିଜକୁ ରକ୍ଷା କରିବା ପାଇଁ ଏକ ଯୁକ୍ତିଯୁକ୍ତ ସୁଯୋଗ ତ ଦୂରର କଥା । ଏହା ପ୍ରାକୃତିକ ନ୍ୟାୟ ଏବଂ ନିରପେକ୍ଷ ବିଚାର ନୀତିକୁ ଉଲ୍ଲଙ୍ଘନ କରିଛି ଯାହା ସମ୍ବିଧାନର ଅନୁଚ୍ଛେଦ **14, 21**

**ଏବଂ 31 (2) କୁ କ୍ଷୁର୍ଣ୍ଣ କରିଛି । ଅପିଲ ପ୍ରାଧିକାରୀଙ୍କ ଦ୍ୱାରା ନିଶ୍ଚିତ ହୋଇଥିବା ବରଖାସ୍ତ ଆଦେଶଟିକୁ ସେହି ଅନୁଯାୟୀ ବାତିଲ କରାଯାଇଛି । [611- D-H, 612-A]**

**3. ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ସେମାନେ ନିୟମ ଅନୁଯାୟୀ ଅପିଲକାରୀଙ୍କୁ ପେନସନ ପ୍ରଦାନ କରନ୍ତୁ ଏବଂ ମୃତକଙ୍କ ନିଲମ୍ବନ ତାରିଖ ଠାରୁ ତାଙ୍କ ଅବସର ଗ୍ରହଣ ତାରିଖ ପର୍ଯ୍ୟନ୍ତ କିମ୍ବା ତାଙ୍କ ମୃତ୍ୟୁର ପୂର୍ବ ତାରିଖ ପର୍ଯ୍ୟନ୍ତ, ଯାହା ପ୍ରଥମେ ହେଉଥିବ, ପୂର୍ବରୁ ପ୍ରଦାନ କରାଯାଇଥିବା ଜୀବନ ନିର୍ବାହ ଭତ୍ତାକୁ ବିଯୋଗ କରିବା ପରେ ସମସ୍ତ ଆନୁସଙ୍ଗିକ ସୁବିଧା ସହିତ ମୃତକଙ୍କୁ ଦେୟ ହେବାକୁ ଥିବା ସମ୍ପୂର୍ଣ୍ଣ ଦରମା ଅପିଲକାରୀଙ୍କୁ ପ୍ରଦାନ କରନ୍ତୁ । [612-B-C]**

**4. ଅନୁକମ୍ପା ଭିତ୍ତିରେ ପୁନର୍ବାସ ନିମନ୍ତେ ଯେକୌଣସି ପଦବୀରେ ଅପିଲକାରୀଙ୍କ ଉପଯୁକ୍ତ ନିଯୁକ୍ତି ପାଇଁ, ଯାହା ପାଇଁ ସେ ଯୋଗ୍ୟ ହୋଇପାରନ୍ତି, ଅପିଲକାରୀଙ୍କ ମାମଲାକୁ ବିଚାର କରିବାକୁ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । [612-A-B]**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 3962/1994 ।

ଓ. ଏ. ସଂଖ୍ୟା 85/1990 ରେ ଜବଲପୁରସ୍ଥିତ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣର ଜବଲପୁର ନ୍ୟାୟପୀଠଙ୍କ 26.4.90 ର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀଙ୍କ ତରଫରୁ ସଞ୍ଜୟ କୁନୁର ଏବଂ ଆର୍. ଏନ୍. କେଶୱାନୀ ।

ଉତ୍ତରଦାତାମାନଙ୍କ ତରଫରୁ କୈଳାସ ବାସଦେବ ଏବଂ ସୁଶ୍ରୀ ଏ. ସୁଭାଶିନୀ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ମଞ୍ଜୁରୀ ପ୍ରଦାନ କରାଗଲା ।

ଅପିଲକାରୀ ହେଉଛନ୍ତି ଜବଲପୁରସ୍ଥିତ ବନ୍ଧୁକ ଗାଡି କାରଖାନାରେ ଟର୍ନର ଭାବରେ କାମ କରୁଥିବା ନାରାୟଣ ନାଇଡୁଙ୍କ ବିଧବା ପତ୍ନୀ । 1980 ମସିହା ଏପ୍ରିଲ 15 ତାରିଖରେ ସେ 50 ଏମ୍. ଏମ୍. ର ଗ୍ରିଲ୍ ଚୋରି କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା । 1980 ମସିହା ଏପ୍ରିଲ 17 ତାରିଖରେ ଏକ ଆରୋପ ଜ୍ଞାପନ ଦିଆଯାଇଥିଲା । 1980 ମସିହା ଜୁନ୍ 26 ତାରିଖରେ, ଜେନେରାଲ୍ ମ୍ୟାନେଜର୍ ତାଙ୍କ ବିରୁଦ୍ଧରେ ଏକ ତଦନ୍ତ କରିବା ନିମନ୍ତେ ତଦନ୍ତ

ଅଧିକାରୀଙ୍କୁ ନିଯୁକ୍ତ କରିଥିଲେ । ଅପରାଧୀ ବ୍ୟକ୍ତି ଉଚ୍ଚ କର୍ତ୍ତୃପକ୍ଷମାନଙ୍କୁ ଏକ ପ୍ରତିବେଦନ କରିଥିଲେ ଯେ ତଦନ୍ତ ଅଧିକାରୀ ତାଙ୍କ ବିରୁଦ୍ଧରେ ପକ୍ଷପାତିତା କରିଥିଲେ ଏବଂ ତାଙ୍କ ବିରୁଦ୍ଧରେ ତଦନ୍ତ କରିବା ପାଇଁ ଅନ୍ୟ କୌଣସି ନିରପେକ୍ଷ ବ୍ୟକ୍ତିଙ୍କୁ ନିଯୁକ୍ତ କରିବାକୁ ସେ ଅନୁରୋଧ କରିଥିଲେ । ସେହି ଅନୁରୋଧକୁ ସ୍ୱୀକାର କରିବା ପରିବର୍ତ୍ତେ, ଉଚ୍ଚ କର୍ତ୍ତୃପକ୍ଷମାନେ ଅପରାଧୀ ବ୍ୟକ୍ତିଙ୍କୁ ତଦନ୍ତରେ ଅଂଶଗ୍ରହଣ କରିବାକୁ 1980 ମସିହା ଅକ୍ଟୋବର 23 ତାରିଖରେ ନିର୍ଦ୍ଦେଶ ଦେଇଥିଲେ । 1980 ମସିହା ନଭେମ୍ବର 20, 24 ଏବଂ 30 ତାରିଖରେ ସାକ୍ଷୀମାନଙ୍କୁ *ଏକ ତରଫା* ଜେରା କରାଯାଇଥିଲା । କିନ୍ତୁ, ଦୁର୍ଭାଗ୍ୟବଶତଃ, ଡିସେମ୍ବର 14, 1980 ରେ, ଅପରାଧୀ ବ୍ୟକ୍ତିଙ୍କ ବିରୁଦ୍ଧରେ *ଏକ ତରଫା* କାର୍ଯ୍ୟାନୁଷ୍ଠାନ ଚାଲିଲା କାରଣ ସେ ତଦନ୍ତ ଅଧିକାରୀଙ୍କ ସମ୍ମୁଖରେ ହାଜର ହୋଇନଥିଲେ । ମାର୍ଚ୍ଚ 5, 1981 ରେ, ପୂର୍ବରୁ ଜେରା କରାଯାଇଥିବା ସାକ୍ଷୀମାନଙ୍କୁ ପୁନଃ ଜେରା କରିବାକୁ ଡକାଇବା ନିମନ୍ତେ, ଏବଂ ଏହାର ଖଣ୍ଡନରେ ନିଜକୁ ଏବଂ ନିଜ ସାକ୍ଷୀମାନଙ୍କୁ ଜେରା କରିବା ନିମନ୍ତେ ଆଉ ଏକ ସୁଯୋଗ ଦେବା ପାଇଁ ସେ ଅନ୍ୟ ଏକ ପ୍ରତିବେଦନ କରିଥିଲେ । କର୍ତ୍ତୃପକ୍ଷମାନେ ସେମାନଙ୍କର ସେପ୍ଟେମ୍ବର 26, 1981 ର ଆଦେଶ ଅନୁଯାୟୀ, ମୃତକଙ୍କୁ ତଦନ୍ତ ସ୍ଥିର ହେବା ପରେ ସେଥିରେ ଯୋଗ ଦେବାକୁ ଏବଂ ତଦନ୍ତ ଅଧିକାରୀଙ୍କୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ନଥିରୁ ଜଣା ପଡ଼ିଲା ପରି, ଏହି ନିର୍ଦ୍ଦେଶ ଅନୁଯାୟୀ ମାମଲାକୁ ପୁନର୍ବାର ଖୋଲିବା ଏବଂ ପୂର୍ବରୁ ଜେରା କରାଯାଇଥିବା ସାକ୍ଷୀମାନଙ୍କୁ ପୁନଃ ଜେରା କରିବା କିମ୍ବା ତାଙ୍କୁ ନିଜକୁ ଜଣେ ସାକ୍ଷୀ ଭାବରେ କିମ୍ବା ତାଙ୍କ ସାକ୍ଷୀମାନଙ୍କୁ ଜେରା କରିବାକୁ ସୁଯୋଗ ଦେବା ପରିବର୍ତ୍ତେ, ତଦନ୍ତ ଅଧିକାରୀ ନଭେମ୍ବର 26, 1991 ର ଏକ ଚିଠି ଦ୍ୱାରା ଏହିପରି କହିଥିଲେ:

> "ଆପଣଙ୍କୁ 27.8.81 ର ଚିଠି ସଂଖ୍ୟା MWP/ENO/14318/81 ମାଧ୍ୟମରେ 10.9.81 ସୁଦ୍ଧା ଏକ ଲିଖିତ ସଂକ୍ଷିପ୍ତ ବିବରଣୀ ଦାଖଲ କରିବାକୁ ପରାମର୍ଶ ଦିଆଯାଇଥିଲା । ଆପଣଙ୍କ ତରଫରୁ କୌଣସି ଉତ୍ତର ମିଳିନଥିଲା । ତେବେ, ପ୍ରସ୍ତୁତକର୍ତ୍ତା ଅଧିକାରୀ ତାଙ୍କର ଲିଖିତ ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ କରିଛନ୍ତି, ଯାହାର ଏକ ନକଲ ସଂଲଗ୍ନ କରାଯାଇଛି ।

ଆପଣଙ୍କୁ 15.12.1981 ପୂର୍ବରୁ ଆପଣଙ୍କ ଲିଖିତ ସଂକ୍ଷିପ୍ତ ବିବରଣୀ ଦାଖଲ କରିବାକୁ ଆଉ ଏକ ସୁଯୋଗ ଦିଆଯାଇଛି, ଯେଉଁଥିରେ ବିଫଳ ହେଲେ, ଏହା ଅନୁମାନ କରାଯିବ ଯେ ଦାଖଲ କରିବାକୁ ଆପଣଙ୍କ ପାଖରେ କୌଣସି ଲିଖିତ ସଂକ୍ଷିପ୍ତ ବିବରଣୀ ନାହିଁ । ତଦନ୍ତ

ନ୍ୟାୟାଳୟରେ ସମ୍ପାଦିତ କାର୍ଯ୍ୟାନୁଷ୍ଠାନ ଆପଣଙ୍କୁ 18.1.81 ର ଚିଠି ସଂଖ୍ୟା MP1/ENO/149318/80 ମାଧ୍ୟମରେ ପୂର୍ବରୁ ହିଁ ପଠାଯାଇଅଛି" ।

ତେଣୁ, ଅପରାଧୀ ବ୍ୟକ୍ତି ଜଣକ ତାଙ୍କର ଲିଖିତ ବିବରଣୀ ଦାଖଲ କରିନଥିଲେ ଏବଂ ଚାକିରିରୁ ବରଖାସ୍ତ ହେବାର ଏକ ଆଦେଶ ପାରିତ ହୋଇଥିଲା ଏବଂ ଅପିଲରେ ଏହା ନିଶ୍ଚିତ ହୋଇଥିଲା ।

ଇତି ମଧ୍ୟରେ, ଅପରାଧୀ ବ୍ୟକ୍ତି ଜଣକ 1985 ମସିହା ମାର୍ଚ୍ଚ 1 ତାରିଖରେ ମୃତ୍ୟୁବରଣ କରିଥିଲେ । ଆନୁତୋଷିକ, ପେନସନ ଏବଂ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ପ୍ରଦାନ କରିବା ପାଇଁ ତାଙ୍କ ବିଧବା ପତ୍ନୀ ଏକ ପ୍ରତିବେଦନ କରିଥିଲେ ଏବଂ ତାଙ୍କ ଜୀବିକା ନିର୍ବାହ ପାଇଁ ବିକଳ୍ପ ନିଯୁକ୍ତି ମଧ୍ୟ ଲୋଡ଼ିଥିଲେ । ଆନୁତୋଷିକ ପ୍ରଦାନ ସମ୍ବନ୍ଧରେ, ଯଦିଓ ଏହା ବିଳମ୍ବରେ ପ୍ରଦାନ କରାଯାଇଛି, କିନ୍ତୁ ଅପରାଧୀ ବ୍ୟକ୍ତି ଜଣଙ୍କୁ ଏହି ଆଧାରରେ ପେନସନ ପ୍ରଦାନ କରାଯାଇ ନଥିଲା ଯେ ତାଙ୍କୁ ଚାକିରିରୁ ବରଖାସ୍ତ କରାଯାଇଥିଲା । ଏହା କୁହାଯାଇଛି ଯେ ଯେହେତୁ ଅପରାଧୀ ବ୍ୟକ୍ତି ଜଣକ ସେବେଠାରୁ ଚାକିରିରୁ ବରଖାସ୍ତ ହୋଇଥିଲେ, ତେଣୁ ତାଙ୍କ ବିଧବା ପତ୍ନୀ କୌଣସି ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଯୋଗ୍ୟ ନୁହଁନ୍ତି । ତାଙ୍କର ଓ. ଏ. ସଂଖ୍ୟା 85/1990 କୁ କାର୍ଯ୍ୟାନୁଷ୍ଠାନର ବହୁବିଧ କାରଣ ଆଧାରରେ ଏପ୍ରିଲ 26, 1990 ରେ ସି. ଏ. ଟି, ଜବଲପୁର ଦ୍ୱାରା ଖାରଜ କରାଯାଇଥିଲା । ତେଣୁ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ କରାଯାଇଛି ।

ଉତ୍ତରଦାତାମାନଙ୍କୁ ସୂଚନା ଜାରି କରିବା ସମୟରେ, ଆମ୍ଭେ ଉତ୍ତରଦାତାମାନଙ୍କୁ ସମ୍ପୂର୍ଣ୍ଣ ନଥିକୁ ଆମ୍ଭ ସମ୍ମୁଖରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲୁ । ଏକ ପାଲଟା ଶପଥ ପତ୍ର ଦାୟର କରାଯାଇଛି ଏବଂ ଆମ୍ଭ ସମ୍ମୁଖରେ ନଥିକୁ ମଧ୍ୟ ରଖାଯାଇଛି । ଭାରତ ସଂଘ ତରଫରୁ ବିଜ୍ଞ ଅଧିବକ୍ତା ଶ୍ରୀ କୈଳାସ ବାସଦେବ ନିରପେକ୍ଷତାର ସହ ସମ୍ପୂର୍ଣ୍ଣ ନଥିକୁ ଅନୁଧ୍ୟାନ କରି ଆମ୍ଭ ସମ୍ମୁଖରେ ଆବଶ୍ୟକ ତଥ୍ୟ ରଖିଛନ୍ତି । ତଥ୍ୟର ବର୍ଣ୍ଣନାରୁ ଜଣାପଡ଼େ ଯେ, ମହାନିର୍ଦ୍ଦେଶକଙ୍କ ଦ୍ୱାରା 1981 ମସିହା ସେପ୍ଟେମ୍ବର 26 ତାରିଖର ତାଙ୍କ ଚିଠିରେ ନିର୍ଦ୍ଦେଶ ଜାରି ହେବା ପରେ, ତଦନ୍ତ ଅଧିକାରୀ 1980 ମସିହା ଡିସେମ୍ବର 14 ତାରିଖର *ଏକ ତରଫା* ଆଦେଶକୁ ପ୍ରତ୍ୟାହାର କରି ନଥିଲେ କିମ୍ବା 1981 ମସିହା ସେପ୍ଟେମ୍ବର 20, 24 ଏବଂ 30 ତାରିଖରେ ଜେରା କରାଯାଇ ସାରିଥିବା ସାକ୍ଷୀମାନଙ୍କୁ ପୁନଃ ଜେରା ନିମନ୍ତେ ସେ ଡକାଇ ନଥିଲେ କିମ୍ବା ଏହାର ଖଣ୍ଡନରେ ତାଙ୍କ ସାକ୍ଷ୍ୟ ପ୍ରମାଣ ଉପସ୍ଥାପନ କରିବାର ସୁଯୋଗ ତାଙ୍କୁ ଦେଇନଥିଲେ । ଅନ୍ୟପକ୍ଷରେ, ଏହା ପୂର୍ବରୁ

ମିଳିଥିବା ଚିଠିରୁ ଏହା ସ୍ପଷ୍ଟ ହୋଇଛି ଯେ ଉଚ୍ଚ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ନିର୍ଦ୍ଦେଶ ଜାରି କରାଯିବା ସତ୍ତ୍ୱେ, ତଦନ୍ତ ଅଧିକାରୀ ଅପରାଧୀ ବ୍ୟକ୍ତିଙ୍କୁ ଲିଖିତ ବିବରଣୀ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ, ଅନ୍ୟ ଶବ୍ଦରେ, ସେ ସେହି ପର୍ଯ୍ୟାୟରୁ ଅଗ୍ରସର ହୋଇଥିଲେ ଯେଉଁ ପର୍ଯ୍ୟାୟରୁ ସେ ଶେଷ ଥର ପାଇଁ କାର୍ଯ୍ୟାନୁଷ୍ଠାନ ବନ୍ଦ କରିଥିଲେ । ତାହା ମହାନିର୍ଦ୍ଦେଶକଙ୍କ ଆଦେଶର ଅନ୍ତର୍ନିହିତ ଭାବନା ନଥିଲା । ତେଣୁ, ଏହା ପ୍ରାକୃତିକ ନ୍ୟାୟର ନୀତିଗୁଡ଼ିକର ଏକ ସ୍ପଷ୍ଟ ଉଲ୍ଲଙ୍ଘନ ଅଟେ । ଏହା ଦେଖିବାକୁ ମିଳିଛି ଯେ, ତଦନ୍ତ ଅଧିକାରୀଙ୍କ ଦ୍ୱାରା କରାଯିବାକୁ ଥିବା ତଦନ୍ତର ନିରପେକ୍ଷତା ଉପରେ ଅପରାଧୀ ଅଧିକାରୀ ପ୍ରଥମରୁ ହିଁ ସନ୍ଦେହ ପ୍ରକାଶ କରିଥିଲେ, ଯେତେବେଳେ ସେ ତଦନ୍ତ ଅଧିକାରୀଙ୍କୁ ବଦଳାଇବା ପାଇଁ ଯଥାଶୀଘ୍ର ଏକ ପ୍ରତିବେଦନ କରିଥିଲେ, କର୍ତ୍ତୃପକ୍ଷମାନେ ଏହି ଅନୁରୋଧକୁ ଗ୍ରହଣ କରିବା ଉଚିତ ଥିଲା ଏବଂ ଯାହାଙ୍କ ନିରପେକ୍ଷତା ଉପରେ ସନ୍ଦେହ କରାଯାଇଥିଲା ତାଙ୍କ ପରିବର୍ତ୍ତେ ଅନ୍ୟ ଜଣେ ତଦନ୍ତ ଅଧିକାରୀଙ୍କୁ ନିଯୁକ୍ତ କରିବା ଉଚିତ ଥିଲା । ଦୁର୍ଭାଗ୍ୟବଶତଃ, ତାହା କରାଯାଇନଥିଲା । ତଦନ୍ତରେ ଅଂଶଗ୍ରହଣ କରିବା ପାଇଁ ମହାନିର୍ଦ୍ଦେଶକ ଅପରାଧୀ ବ୍ୟକ୍ତିଙ୍କୁ ଏକ ସୁଯୋଗ ଦେବା ପରେ ମଧ୍ୟ, ତଦନ୍ତ ଅଧିକାରୀ *ଏକ ତରଫା* ଆଦେଶଟିକୁ ପ୍ରତ୍ୟାହାର କରିନେବେ ବୋଲି ଏବଂ ପୂର୍ବରୁ ଜେରା କରାଯାଇଥିବା ସାକ୍ଷୀମାନଙ୍କୁ ପୁନଃ ଜେରା କରିବାକୁ ଏବଂ ଏହାର ଖଣ୍ଡନରେ ତାଙ୍କ ସାକ୍ଷ୍ୟ ପ୍ରମାଣ ଉପସ୍ଥାପନ କରିବାକୁ ଅପରାଧୀ ବ୍ୟକ୍ତିଙ୍କୁ ସେ ଏକ ସୁଯୋଗ ଦେବେ ବୋଲି ସ୍ପଷ୍ଟ ଭାବେ ଆଶା କରାଯାଉଥିଲା । ତେବେ, ତଦନ୍ତ ଅଧିକାରୀ ଉକ୍ତ ପ୍ରକ୍ରିୟାକୁ ଗ୍ରହଣ କରିନଥିଲେ ଯାହା ନ୍ୟାୟସଙ୍ଗତ, ନ୍ୟାୟୋଚିତ ଏବଂ ଯୁକ୍ତିଯୁକ୍ତ ହୋଇଥାନ୍ତା ।

ଏହି ପରିସ୍ଥିତିରେ, ଏହା ଏକ ସ୍ପଷ୍ଟ ମାମଲା ଯେ ଅପରାଧୀ ବ୍ୟକ୍ତିଙ୍କୁ ଏକ ନ୍ୟାୟୋଚିତ ସୁଯୋଗ ପ୍ରଦାନ କରାଯାଇ ନଥିଲା, ନିଜକୁ ରକ୍ଷା କରିବା ପାଇଁ ଏକ ଯୁକ୍ତିଯୁକ୍ତ ସୁଯୋଗ ତ ଦୂରର କଥା । ଏହା ପ୍ରାକୃତିକ ନ୍ୟାୟ ଏବଂ ନିରପେକ୍ଷ ବିଚାର ନୀତିକୁ ଉଲ୍ଲଙ୍ଘନ କରିଛି ଯାହା ସମ୍ବିଧାନର ଅନୁଚ୍ଛେଦ 14, 21 ଏବଂ 31 (2) କୁ କ୍ଷୁର୍ଣ୍ଣ କରିଛି । ଅପିଲ ପ୍ରାଧିକାରୀଙ୍କ ଦ୍ୱାରା ନିଶ୍ଚିତ ହୋଇଥିବା ବରଖାସ୍ତ ଆଦେଶଟିକୁ ସେହି ଅନୁଯାୟୀ ବାତିଲ କରାଯାଉଛି । ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି ଯେ ସେମାନେ ନିୟମ ଅନୁଯାୟୀ ଅପିଲକାରୀଙ୍କୁ ପେନସନ ସମ୍ବନ୍ଧୀୟ ସୁବିଧା ପ୍ରଦାନ କରନ୍ତୁ ଏବଂ ଅନୁକମ୍ପା ଭିତ୍ତିରେ ପୁନର୍ବାସ ନିମନ୍ତେ ଯେକୌଣସି ପଦବୀରେ ଅପିଲକାରୀଙ୍କ ଉପଯୁକ୍ତ ନିଯୁକ୍ତି ପାଇଁ, ଯାହା ପାଇଁ ସେ ଯୋଗ୍ୟ ହୋଇପାରନ୍ତି, ଅପିଲକାରୀଙ୍କ ମାମଲାକୁ ମଧ୍ୟ ବିଚାର କରିବାକୁ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି । ଉତ୍ତରଦାତାମାନଙ୍କୁ ଆହୁରି ମଧ୍ୟ

ନିର୍ଦ୍ଦେଶ ଦିଆଯାଉଛି ଯେ ସେମାନେ ମୃତକ ଅପରାଧୀଙ୍କୁ ନିଲମ୍ବନ କରିବା ତାରିଖ ଠାରୁ ଯେଉଁ ତାରିଖରେ ସେ ଅବସର ଗ୍ରହଣ କରିଥାନ୍ତେ ସେହି ତାରିଖ ପର୍ଯ୍ୟନ୍ତ କିମ୍ବା 1985 ମସିହା ଫେବୃଆରୀ 28 ପର୍ଯ୍ୟନ୍ତ, ଯାହା ତାଙ୍କ ମୃତ୍ୟୁର ପୂର୍ବ ତାରିଖ ଅଟେ, ଯାହା ପ୍ରଥମେ ହେଉଥିବ, ପୂର୍ବରୁ ପ୍ରଦାନ କରାଯାଇଥିବା ଜୀବନ ନିର୍ବାହ ଭତ୍ତା, ଯାହା ତାଙ୍କୁ ନିଲମ୍ବନ ଆଦେଶ ତାରିଖ ଠାରୁ ବରଖାସ୍ତ ତାରିଖ ପର୍ଯ୍ୟନ୍ତ ମିଳିଥିଲା, ତାହାକୁ ବିୟୋଗ କରିବା ପରେ ସମସ୍ତ ଆନୁସଙ୍ଗିକ ସୁବିଧା ସହିତ ମୃତକଙ୍କୁ ଦେୟ ହେବାକୁ ଥିବା ସମ୍ପୂର୍ଣ୍ଣ ଦରମା ଅପିଲକାରୀଙ୍କୁ ପ୍ରଦାନ କରନ୍ତୁ । ଆଦେଶ ପ୍ରାପ୍ତିର ତାରିଖ ଠାରୁ ତିନି ମାସ ମଧ୍ୟରେ ଏହି କାର୍ଯ୍ୟ କରାଯିବା ଉଚିତ ।

ତଦନୁସାରେ ଅପିଲକୁ ମଞ୍ଜୁରୀ ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ କାରଣ ଏହା ଏକ ଆଇନଗତ ସହାୟତା ମାମଲା ।

ଆର୍. ଆର୍. ଅପିଲଟିକୁ ମଞ୍ଜୁରୀ ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**